ତହସିଲଦାର ଯୁଯୋମୁରାଙ୍କ କାର୍ଯ୍ୟାଳୟ

ଜିଲ୍ଲା: ସମ୍ବଲପୁର

**ସର୍ବସାଧାରଣ ଘୋଷଣା**

D.R. Case No- 10/2024 P.R.No:- 155

Date:- 31/05/2024

ଏତଦ ଦ୍ଵାରା ଡଙ୍ଗରପଡା ଗ୍ରାମର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ନିମ୍ନ ତଫସିଲଭୁକ୍ତ ସରକାରୀ ଜମିକୁ ରକ୍ଷିତ ଖାତାଭୁକ୍ତ ଗୋଚର କିସମ ହୋଇଥିବାରୁ ଅସଂରକ୍ଷଣ (De-Reservation) କରାଯାଇ ସମବାୟ ବିଭାଗ, ଓଡ଼ିଶା ସରକାରଙ୍କୁ ଅଫିସ କୋଠା, ଗୋଦାମ ନିର୍ମାଣ ତଥା ଧାନ ସଂଗ୍ରହଣ, ବିହନ ସଂରକ୍ଷଣ ଓ ସାର ସଂରକ୍ଷଣର ଭିତ୍ତି ସଂରଚନାର ଉନ୍ନୟନ ନିମନ୍ତେ ହସ୍ତାନ୍ତରିତ ପାଇଁ ସ୍ଥିର କରାଯାଇ ଅଛି । ଏହି ପ୍ରସ୍ତାବରେ ଯଦି କାହାରି କିଛି ଆପତ୍ତି ଅଭିଯୋଗ ଥାଏ, ତେବେ ଏହି ଘୋଷଣା ଜାରି ହେବାର ୧୫ (ପନ୍ଦର) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ ଅଦାଲତରେ ଲିଖିତ ଅଭିଯୋଗରେ ୫୦ ଟଙ୍କାର କୋର୍ଟ ଫିସ ଲଗାଇ ବିଚାର ନିମନ୍ତେ ଦାଖଲ କରିପାରିବେ । ଧାର୍ଯ୍ୟ ସମୟ ପରେ କୌଣସି ଆପତ୍ତି ଗ୍ରହଣ ଯୋଗ୍ୟ ନୁହେଁ ।

<u>ପ୍ରସ୍ତାବିତ ଜମିର ତଫସିଲ</u>

| ମୌଜା | ହୋଲ୍ଡିଂ ଟାଇପ | ପ୍ରସ୍ତାବିତ ହୋଲ୍ଡିଂ ଟାଇପ | ଖାତା ନଂ | ପ୍ଲଟ ନଂ | କିସମ | ପ୍ରସ୍ତାବିତ କିସମ | ରକବା |
|---|---|---|---|---|---|---|---|
| ଡଙ୍ଗରପଡ଼ା | ରକ୍ଷିତ | ଆବାଦ ଯୋଗ୍ୟ ଅନାବାଦି | ୨୯୮ | ୭୪୩ ରୁ | ଗୋଚର | ପତିତ | ଏ ୧.୦୦ ଡି |

31/5/24

ତହସିଲଦାର,ଯୁଯୋମୁରା

Tahasildar Jujomura

ଏହାର ଏକକିତା ନକଲ ସର୍ବସାଧାରଣ ଙ୍କ ତଥା ଗ୍ରାମ ପଂଚାୟତ ଡଙ୍ଗରପଡ଼ାଙ୍କୁ ଅବଗତି ତଥା ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପଠାଗଲା ।

ଏହାର ଏକକିତା ନକଲ ଜିଲ୍ଲା ସୂଚନା ଅଧିକାରୀ DIO, NIC, ସମ୍ବଲପୁର ଙ୍କ ଅବଗତି ତଥା ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା । ଉପରୋକ୍ତ ସର୍ବସାଧାରଣ ଇସ୍ତାହାର କୁ ଜିଲ୍ଲା କାର୍ଯ୍ୟାଳୟ ୱେବସାଇଟରେ ପ୍ରକାଶନ ନିମନ୍ତେ ଅନୁରୋଧ କରାଗଲା ।

31/5/24

ତହସିଲଦାର,ଯୁଯୋମୁରା

Tahasildar Jujomura